# ପ୍ରେମ ବାହିନୀ



ଭଗବାନ ଶ୍ରୀ ସତ୍ୟସାଇ ବାବା

Scanned by TapScanner

## ଦାନବ ଓ ମାନବ ଚରିତ୍ରରେ ପ୍ରଭେଦ

ମାନବମାନେ ପ୍ରେମରେ ପରିପୂର୍ଣ୍ଣ; ସେମାନଙ୍କ ହୃଦୟ ଦୟାଶୀଳ । ସେମାନେ ସଦ୍‌ବାକ୍ୟସମ୍ପନ୍ନ । ମଣିଷ ମନର ଧର୍ମ ହେଲା ଶାନ୍ତି । ତାହା ହିଁ ମଣିଷ ମନର ଅନ୍ତର୍ଗତ

Scanned by TapScanner

ଗୁଣ । ଶାନ୍ତି ନିମନ୍ତେ ଅନ୍ୟ କୁଆଡ଼େ ଅନ୍ୱେଷଣ କରିବାକୁ ପଡ଼େ ନାହିଁ । ମାଟି ଭିତରେ ସୁନା, ରୂପା ଓ ସମୁଦ୍ର ଭିତରେ ମୁକ୍ତା ଓ ପ୍ରବାଳ ଯେମିତି ଲୁକ୍‌କାୟିତ ଥାଏ, ସେହିପରି ମନର ବିଭିନ୍ନ କ୍ରିୟା ମଧ୍ୟରେ ହିଁ ଶାନ୍ତି ଓ ଆନନ୍ଦ ଲୁଚିଯାଏ । ଏଇ ଲୁକ୍‌କାୟିତ ରତ୍ନ ପାଇବା ଆଶାରେ ତୁମେ ଯଦି ମାନସିକ କ୍ରିୟାକଳାପକୁ ଅନ୍ତର୍ମୁଖୀ କର ତେବେ ତୁମେ ପ୍ରେମମୟ ହୋଇଯିବ । ଯେଉଁମାନେ ଏହି ପ୍ରେମରେ ନିଜକୁ ପୂର୍ଣ୍ଣ କରିପାରନ୍ତି ଏବଂ ସେ ଦିବ୍ୟ ପ୍ରେମର ଜ୍ୟୋତିରେ ଜୀବନକୁ ଜ୍ୟୋତିଷ୍ମାନ୍ କରି ସେ ଜ୍ୟୋତିରେ ହିଁ ସର୍ବଦା ଜୀବନ ଅତିବାହିତ କରନ୍ତି, ସେଇମାନଙ୍କୁ କେବଳ ଯଥାର୍ଥରେ ମାନବ କୁହାଯାଇପାରିବ । ଯେଉଁମାନେ ପ୍ରେମହୀନ ସେମାନେ ଦାନବ । ପ୍ରେମର ଦିବ୍ୟଗୁଣ ଯେ ଅଧିକାଂଶ ସମୟରେ ଅପ୍ରକାଶିତ ହୋଇ ରହେ, ତାହା ନୁହେଁ; ଏହା ସର୍ବଦା ଅପରିବର୍ତ୍ତିତ ଭାବରେ ଚିତ୍ତରେ ବିଦ୍ୟମାନ ଥାଏ । ପ୍ରେମ ଏକ ଏବଂ ଅଖଣ୍ଡ । ଯେଉଁମାନେ ସେ ଦିବ୍ୟ ପ୍ରେମରେ ନିମଜ୍ଜିତ ସେମାନେ ଘୃଣା, ସ୍ୱାର୍ଥପରତା ଏବଂ ଅନାଚାରଠାରୁ ବହୁ ଦୂରରେ ଥାଆନ୍ତି । ସେମାନେ ଅନ୍ୟାୟ ଓ ଅସତ୍‌କର୍ମ କରିପାରନ୍ତି ନାହିଁ । ମାତ୍ର ଯେଉଁମାନେ ପ୍ରେମବର୍ଜ୍ଜିତ, ସେମାନଙ୍କଠାରେ ଏଇସବୁ ଦୁର୍ଗୁଣ ଖୁବ୍ ପ୍ରଭାବଶାଳୀ ଓ ଦୁର୍ଦ୍ଦମନୀୟ ହୋଇଉଠନ୍ତି । ଦାନବମାନେ ଏ ଦିବ୍ୟପ୍ରେମକୁ ପଦଦଳିତ କରି ଅନ୍ୟାନ୍ୟ ନିକୃଷ୍ଟ ଗୁଣଗୁଡ଼ିକୁ ଉଚ୍ଚସ୍ଥାନ ଦିଅନ୍ତି । ମାତ୍ର ଯେଉଁମାନେ ଏ ନିକୃଷ୍ଟ ଗୁଣଗୁଡ଼ିକୁ ସର୍ପ ସମାନ ଭୟଙ୍କର ଏବଂ ସେଗୁଡ଼ିକର ଧ୍ୱଂସ କରଣୀୟ ବୋଲି ମନେ କରି ପ୍ରେମର ପରିପୋଷଣ କରନ୍ତି, ସେମାନେ ହିଁ ପ୍ରକୃତ ମାନବ । ମନ୍ଦ ଆଚରଣ ଓ ଦୁରଭ୍ୟାସ ମଣିଷପଣିଆକୁ ବିକୃତ କରି ପକାଏ । ପ୍ରେମର ଅମୃତରେ ପରିପୂର୍ଣ୍ଣ ହୃଦୟ ହିଁ ପ୍ରକୃତ ମନୁଷ୍ୟତ୍ୱର ପରିଚାୟକ । ପ୍ରେମ କହିଲେ ବୁଝାଏ ଅମଳିନ, ନିଃସ୍ୱାର୍ଥ, ନିଷ୍କଳଙ୍କ ଏବଂ ଅକ୍ଷୁଣ୍ଣ ଶ୍ରଦ୍ଧା ।

'ମାନବ' ଓ 'ଦାନବ' ଶବ୍ଦ ଦୁଇଟି ଭିତରେ କେବଳ 'ମା' ଓ 'ଦା'ର ପାର୍ଥକ୍ୟ ରହିଛି । 'ମା' ଶବ୍ଦଟି କୋମଳ, ମଧୁମୟ ଏବଂ ଅମୃତତ୍ୱର ପ୍ରତୀକ; ମାତ୍ର 'ଦା' ଶବ୍ଦଟି ନିର୍ଦ୍ଦୟ, ବିଶୃଙ୍ଖଳ ଏବଂ ଜ୍ୱଳନଶୀଳ । ଯେଉଁମାନଙ୍କ ମଧ୍ୟରେ ମଧୁରତା ନାହିଁ ଏବଂ ଯେଉଁମାନେ ଅମୃତତ୍ୱର କ୍ଷୁଧାକୁ ଚାପି ଦେବାର ଉଦ୍ୟମ କରନ୍ତି, ସେମାନେ କ'ଣ ମଣିଷ ? ମଣିଷ ରୂପରେ ସେମାନେ ସବୁ ଦାନବ । ରୂପର କୌଣସି ଗୁରୁତ୍ୱ ନାହିଁ; ପ୍ରଥମ ଓ ପ୍ରଧାନ କଥା ହେଲା ଚରିତ୍ର । ମଣିଷର ରୂପ ଧାରଣ କରି ଯେଉଁମାନେ ଦୟା ଓ ସଦ୍‌ଭାବ ସମ୍ପନ୍ନ ନୁହନ୍ତି ସେମାନଙ୍କୁ କ'ଣ କେବେହେଲେ 'ମଣିଷ' ବୋଲି କୁହାଯାଇପାରିବ ? ନା, ତାହା ହେବ ନାହିଁ । ବର୍ତ୍ତମାନ ମୋର ଉପଦେଶ ରୂପ ଉପରେ ଆଧାରିତ ନୁହେଁ, ତାହା ମଣିଷର ଚରିତ୍ର ଓ ଗୁଣ ପାଇଁ ଉଦ୍ଦିଷ୍ଟ । ମଣିଷମାନଙ୍କ ମଧ୍ୟରେ

Scanned by TapScanner

ଦାନବଙ୍କ ସଂଖ୍ୟା ଅନେକ । ମାନବ ଓ ଦାନବ ଉଭୟେ ଦେଖିବାକୁ ସମାନ । ମାତ୍ର ଚରିତ୍ର ହିଁ ସେମାନଙ୍କୁ ମାନବ ଓ ଦାନବ ଭାବରେ ପରିଚିତ କରାଏ । ମନୁଷ୍ୟମାନେ ଦୟା, ସଦ୍‌ଭାବ, ପ୍ରେମ ଓ ସତ୍ୟ ପ୍ରଣୋଦିତ କୋମଳ ଓ ମଧୁର କର୍ମ କରନ୍ତି । ମନୁଷ୍ୟ ହିଁ ଆପଣାର ଅନ୍ତର୍ନିହିତ ଅମୃତତତ୍ତ୍ୱକୁ ପ୍ରକାଶିତ ଓ ଉପଲବ୍‌ଧି କରିବାର ସମ୍ଭାବନାର ସାକ୍ଷୀ । ସଦ୍‌ଗୁଣ ମଣିଷର ମୁହଁରେ ଆନନ୍ଦ ଭାବରେ ପ୍ରତିଭାତ ହୁଏ - ମାତ୍ର ଅନ୍ତରରେ ସଦ୍‌ଗୁଣ ନ ଥିଲେ, ପ୍ରକୃତରେ ଆନନ୍ଦ ଅଧୀର ହେଲେ ମଧ୍ୟ ତା'ର ମୁହଁରେ ଖେଳୁଥିବ ଦାନବୀୟ ଧ୍ୱଂସକାରୀ ବହ୍ନି; ସେଠାରେ ନଥିବ ଆନନ୍ଦର କମନୀୟତା ।

Scanned by TapScanner